# Akashvani, Sambalpur

## SAMBALPURI NEWS BULLETIN

### 22 June 2025- 6.47- 6.52 am.

************************************************

ଭିଜନ୍ ଡକ୍ୟୁମେଂଟ୍ -୨୦୪୭- ନକ୍ସା      ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍‌ଙ୍କର୍ ଭିଜନ୍ ଡକ୍ୟୁମେଂଟ୍ -୨୦୪୭ ଆଧାର୍‌ଥି ରାଜ୍ୟ ସର୍‌କାର୍ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ନକ୍ସା ତିଆର୍ କରିଛନ୍ । ରାଜ୍ୟର୍ ଅର୍ଥନୀତିକେ ୨୦୪୭ ମସିହାତକ୍  ଶହେ ୩୦ ଲାଖ୍ କୋଟି ଟଙ୍କା କର୍‌ବାର୍‌କେ ଇ ରଣନୀତି ତିଆର୍ କରାଯାଇଛେ । ଇଥି ଓଡ଼ିଶା ଗଠନ୍‌ର ଶହେ ବଛର୍ ପୂର୍ତି ଅବ୍‌ସରେ ୨୦୩୬ ମସିହା ଲାଗି ୩୬ ଟା କ୍ଷେତ୍ର ଉପ୍‌ରେ ଫୋକସ୍ କରାଯାଇଛେ । ସେନ୍ତା ଶହେ ଲାଖ୍ କୋଟି ନିବେଶ୍ ଲକ୍ଷ୍ୟ ରଖାଯାଇଛେ । ବିକଶିତ ଓଡ଼ିଶା ଲକ୍ଷ୍ୟ ପୂରଣ୍ ଦିଗେ ନୂଆଁ ସୃଜନ, ଉତର୍‌ଦାୟିତ୍ୱ ଆଉ ନାଗରିକଙ୍କର୍ ସହଭାଗିତାକେ ଗୁରୁତ୍ୱ ଦିଆଯାଇଛେ । ଇତାକେ ଆହୁରି ବ୍ୟାପକ୍ କର୍‌ବାର୍ ଲାଗି ରାଜ୍ୟସ୍ତରୀୟ ଭିଜନ୍ ଶାଖା ଆଉ ଜିଲ୍ଲାମାନ୍‌କେ ଭିଜନ୍ ୟୁନିଟ୍ ଥାପ୍‌ନା କର୍‌ବାର୍‌କେ ଘୋଷ୍‌ନା କରାଯାଇଛେ ।

ନୀତି ଆୟୋଗ -ସଚିବ ବୈଠକ୍                I&PR

ଓଡ଼ିଶା ଭିଜନ୍ -୨୦୩୬ ଆର୍ ୨୦୪୭ଥି ଧାରିଜ୍ ଲକ୍ଷ୍ୟ ପୂରଣ୍ କର୍ବାର୍ ଦିଗେ ପଦକ୍ଷେପ୍ ନେବାର୍କେ ଗଲାକାଏଲ୍ ଭୁବ୍ନେଶ୍ୱର୍ ଠାନେ ନୀତି ଆୟୋଗ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଉ ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ ବିଭାଗ୍ର ସଚିବ ମାନ୍କର୍ ଭିତ୍ରେ ଆଲୋଚନା ହେଇଛେ । ଓଡ଼ିଶା ଭିଜନ୍ -୨୦୩୬ ଆଉ ୨୦୪୭ ତିଆର୍ କର୍ବାର୍ ଲାଗି ସଚିବମାନ୍କର୍ ଭୂମିକାକେ ନୀତି ଆୟୋଗ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ବି.ଭି.ଆର୍ ସୁବ୍ରମଣ୍ୟମ୍ ପ୍ରଶଂସା କରିଛନ୍ । ରାଏଜେ ବିକାଶ୍ର ଗତିକେ ତ୍ୱରିତ କରିକରି ବିକଶିତ୍ ଓଡ଼ିଶାର୍ ଲକ୍ଷ୍ୟ ପୂରଣ୍ କର୍ବାର୍ ଉପ୍ରେ ଶ୍ରୀ ସୁବ୍ରମଣ୍ୟମ୍ ଅଧିକାରୀମାନ୍କୁ ପରାମର୍ଶ ଦେଇଛନ୍ । ବୈଠକ୍ଥି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍ ସଚିବ ମାନେ ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ - ଝାଡ଼ାବାନ୍ତି ରିଭ୍ୟୁ                ସିଏମ୍ଓ

ରାଏଜେ ଦେଖାଦେଇଥିବା ଝାଡ଼ାବାନ୍ତି ଥିତି ଆର୍ ତାର୍ ଆଏଜ୍ ଲାଗି ନିଆଯାଇଥିବା ପଦକ୍ଷେପ୍କେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ସମୀକ୍ଷା କରିଛନ୍ । ସର୍କାର୍ଙ୍କର୍ ଭିନ୍ ଭିନ୍ ବିଭାଗ୍ର ମିଳିତ୍ ଚେରେଷ୍ଟା ଲାଗି

ଡାଇରିଆ ଆଏତ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ ବୈଠକ୍ ଉତ୍ରୁ କହିଛନ୍ । ସେ କହିଛନ୍, ଯାଜ୍‌ପୁର୍, ଭଦ୍ରକ୍, କଟକ୍, ଢେଙ୍କାନାଲ୍ ଆର୍ କେନ୍ଦୁଝର୍ ଜିଲ୍ଲା ନ ଡାଇରିଆ ସଂକ୍ରମିତ ସଂଖ୍ୟା କମ୍‌ବାର୍ ସହେତେ ଜନଜୀବନ ସ୍ୱାଭାବିକ୍ ଥିତିକେ ଫିରୁଛେ । ତଥାପି ଲୁକ୍‌କୁ ସତର୍କ ରହେବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ସର୍‌କାର୍‌ଙ୍କର୍ ତର୍‌ଫୁ ବିଶୋଧନ୍, ସଚେତନତା ଆଉ ଚିକିତ୍ସା ସେବା ଉପ୍‌ରେ ବିଶେଷ୍ ଧ୍ୟାନ୍ ଦେବାର୍‌କେ ମୁଖ୍ୟମନ୍ତ୍ରୀ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ରାଜ୍ୟପାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବୟସ୍କ ମାନ୍‌କୁ ବୋଝ ନାଇଁ ଭାବିକରି ସମ୍ପତି ହିସାବେ ସମ୍ମାନ୍ ଦେବାର୍‌କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଗୁରୁତ୍ୱ ଦେଇଛନ୍ । ଭୁବନେଶ୍ୱର୍ ଠାନେ ଜରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆର୍ ଜାତୀୟ ବାର୍ଷିକ ମଧ୍ୟବର୍ତୀକାଳୀନ ସମ୍ମିଳନୀକେ ଉଦ୍‌ଘାଟନ୍ କରିକରି ରାଜ୍ୟପାଲ୍ ଆମର୍ ପରିବାର୍, ସମାଜ୍ ଆଉ ଦେଶ୍ ଲାଗି ଅବଦାନ୍ ଦେଇଥିବା ବରିଷ୍ଠ ନାଗରିକ୍‌ମାନେ ସବୁନୁ ବେଶୀ ସମ୍ମାନ୍, ଯତନ୍ ଆର୍ ମର୍ଯ୍ୟାଦା ପାଏବାର୍ ହକ୍‌ଦାର୍ ବଲି କହିଛନ୍ ।

ରାଜ୍ୟ ଜଳ ନୀତି କାର୍ଯ୍ୟକାରୀ-ସମୀକ୍ଷା ବୈଠକ୍ I&PR

ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ରାଜ୍ୟ ଜଲ ନୀତି କାର୍ଯ୍ୟକାରୀ କର୍‌ବେ । ଇ ବାବ୍‌ଦେ ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ସମନ୍ୱିତ ଜଲ ପରିଚାଲନା ଆର୍ ଜଲ ସଂରକ୍ଷଣ୍ ଲାଗି ନୂଆଁ ନୀତି ଲାଗୁ କର୍‌ବାର୍ ଲାଗି ଭିନ୍ ଭିନ୍ ଦିଗ୍ ଉପ୍‌ରେ ଶ୍ରୀମତୀ ଗର୍ଗ ଆଲୋଚନା କରିଥିଲେ । ଜଲ୍‌ଭଣ୍ଡାର୍ ଆର୍ ପ୍ରକଳ୍ପମାନ୍‌କର୍ ପାଏନ୍‌କେ ଚାଷ୍, ପିଇବାର୍ ପାଏନ୍, ଶିଳ୍ପ ଆଉ ଭିନ୍ ଭିନ୍ ଆବଶ୍ୟକତା ପୂରଣ୍ ଦିଗେ କେନ୍ତାକରି ବେଭାର୍ କରାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା କରିଥିଲେ ।

ସୁସ୍ଥ ହେଲେ ମାହାପୁରୁ                ପୁରୀ ସମ୍ବାଦଦାତା

ଜରେ ପଡ଼ିଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ପୁରୀ ଶ୍ରୀମନ୍ଦିର୍ ଠାନେ ଅଣସର ଉପଚାର୍ ଚାଲିଛେ । ୧୧ ଦିନର୍ ଗୁପ୍ତ ସେବା ଉତ୍‌ରୁ ଗଲାକାଏଲ୍ ଏକାଦଶୀ ତିଥି ଦିନ ଦଶମୂଳ ମୋଦକ୍ ଉଷୋ ଲାଗି ହେବାର୍ ଉତ୍‌ରୁ ମାହାପୁରୁମାନେ ଜର୍‌ନୁ ପୁରା ଭଲ୍ ହେଇଛନ୍ ।

ଆଏଜ୍ ଦ୍ୱାଦଶୀ ତିଥି ନ ଦଇତାପତିମାନେ ଶ୍ରୀନଅରକେ ଯାଇକରି ମାହାପୁରୁମାନ୍‌କର ସୁସ୍ଥ ହେବାର୍ ଖବର୍ ଗଜପତି ମହାରାଜ୍‌ଙ୍କୁ ଦେବାର୍ ପରମ୍ପରା ରହିଛେ ।

ରଥଯାତ୍ରା - ସମୀକ୍ଷା ବୈଠକ୍                    ପୁରୀ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକେ ଶୃଙ୍ଖଳିତ୍ ଭାବେ ପାଳନ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ସ୍ୱତନ୍ତ୍ର ସମୀକ୍ଷା ବୈଠକ୍ ବସ୍‌ବା । ଦିନର୍ ୧୧ ବଜେ ପୁରୀ ପୌର ସଦନ୍ ଠାନେ ହେବାର୍‌କେ ଥିବା ବୈଠକ୍‌ଥି ରଥଯାତ୍ରାକେ ନେଇକରି ପ୍ରଶାସନିକ୍ ସ୍ତର୍‌ଥି ହେଇଥିବା ତୟାରି ଉପ୍‌ରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କର୍‌ବେ । ବୈଠକ୍‌ଥି ଦୁହି ଉପମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଅଲ୍‌ଗା ମନ୍ତ୍ରୀ ମାନେ  ଯୋଗ୍ ଦେବେ ।

ବନ୍ୟଜନ୍ତୁ ନୁକ୍‌ସାନ୍- ସାହାଜ୍                    I&PR

ବନ୍ୟଜନ୍ତୁ ମାନେ କରୁଥିବା ନୁକ୍‌ସାନ୍ ବାବଦ୍ ସାହାଜ୍ ଟଙ୍କା ବଢ଼ାବାର୍‌କେ ନେଇକରି ଗଲାକାଏଲ୍ ରାଜ୍ୟ ଜଙ୍ଗଲ ଆଉ ପରିବେଶ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ବନ୍ୟଜନ୍ତୁ

ଆକ୍ରମଣ୍‌ଥି ଜୀବନ୍ ଗଲେ ମିଲୁଥିବା ଅନୁକମ୍ପା ସାହାଜ୍ ଟଙ୍କାକେ ୪ ଲାଖ୍ ନୁ ୧୦ ଲାଖ୍ ଟଙ୍କାକେ ବଢ଼ାଯାଇଛେ । ସେନ୍ତା ଘର୍ ଦୁଆର୍ ଆଂଶିକ ନୁକ୍‌ସାନ୍ କଲେ ୧୦ ହଜାର୍ ଟଙ୍କା ଦିଆଯିବା ।

ପ୍ରାଣୀ ଚିକିତ୍ସକ- ପଦ୍‌ବୀ ନିଯୁକ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ସର୍‌କାରୀ ଚାକିରୀ ଲାଗି ଆବେଦନ୍‌ର ବୟସୀସୀମା ୪୨ ବଛର୍‌କେ ବଢ଼ାବାର୍ ଉତ୍‌ରୁ ଓଡ଼ିଶା ଲୋକ୍‌ସେବା ଆୟୋଗ୍ - ଓପିଏସ୍‌ସି ତର୍‌ଫୁ ଗଲାକାଏଲ୍ ପହେଲା ନିଯୁକ୍ତି ବିଜ୍ଞପ୍ତି ବାହାରିଛେ । ଇଥି ରାଏଜେ ଖାଲି ପଡ଼ିଥିବା ୫ ଶହ ୬ ସହକାରୀ ପ୍ରାଣୀ ଚିକିତ୍ସକ ପଦ୍‌ବୀ ପୂରଣ୍ ଲାଗି ଆବେଦନ୍ ଆହ୍ୱାନ୍ କରାଯାଇଛେ ।

ସମ୍ବଲ୍‌ପୁର୍ ଧାନ୍ ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ନ ଡାଲୁଆ ଧାନ୍ ଘିନା ପ୍ରକ୍ରିୟା ଶେଷ୍ ଖେପ୍‌ଥି ପୁହୁଁଚିଛେ । ଧାନ୍ ବିକ୍‌ବାର୍ ଲାଗି ଆଘୋନୁ ପଞ୍ଜିକୃତ ହେଇଥିବା ଚାଷୀମାନ୍‌କର୍ ଭିତ୍‌ରୁ ଆଉ ମାତ୍ର ଶହେ ୮୪ ଟା ଟୋକନ୍ ବାକି ରହିଛେ । ଇ ଖେଡ଼ ୧୬ ହଜାର୍ ଶହେ ୬୪ ଝନ୍ ଚାଷୀଙ୍କର୍ ଠାନୁ ୧୩ ଲାଖ୍ ୮୧ ହଜାର୍ କ୍ୱିଂଟାଲ୍ ଧାନ୍ ଘିନାଯାଇଛେ ।

ପାଣିପାଗ                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ବଙ୍ଗୋପ୍‌ସାଗର୍ ନ ସକ୍ରିୟ ହେଇଥିବା ଲଘୁଚାପ୍ ପ୍ରଭାବ୍‌ଥି ଆଏବା ୨୪ ତାରିଖ୍‌ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ ୧୭ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସଙ୍ଗେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।